ଧରିତ୍ରୀ
DHARITRI
ବୁଧବାର, ୧୧ ଅଗଷ୍ଟ, ୨୦୨୧



**ଇଟାଫାକ୍ଟ୍ରି ମାଲିକଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ**

ପଦ୍ମପୁର, (ଡି.ଏନ.ଏ.)- ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ଜମିବାଡ଼ି ବିବାଦକୁ ନେଇ ଇଟାଫାକ୍ଟ୍ରିର ମାଲିକଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ତୋରଣପଦାର ସୁଶାନ୍ତ ମଲିକ। କିଛିଦିନ ତଳେ ଇଚ୍ଛାପୁର ତାରିଣୀଛକ ଠାରେ ସୁଶାନ୍ତଙ୍କ ସମେତ ତାଙ୍କର ସହଯୋଗୀ ମାନେ ଇଟା ଫାକ୍ଟ୍ରିରେ ପଶି ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୮୫/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ସଂକ୍ଷେପରେ

### ନିରାଡ଼ମ୍ବରରେ ପାଳନ ହେବ ସ୍ୱାଧୀନତା ଦିବସ

**ଚମ୍ପୁଆ, ୧୦।୮(ଡି.ଏନ.ଏ.):** ଚଳିତ ବର୍ଷ କରୋନା ଗାଇଡ ଲାଇନ ପାଇଁ ନିରାଡମ୍ବରଭାବେ ଉପଖଣ୍ଡସ୍ତରୀୟ ୭୫ତମ ସ୍ୱାଧିନତା ଦିବସ ପାଳନ ହେବ ବୋଲି ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଜିଲାପାଳ ପ୍ରତାପ ପ୍ରିତିମୟ ସୂଚନା ଦେଇଛନ୍ତି। ଜନ ସାଧାରଣଙ୍କ ବିନା ଏହା ପାଳନ କରାଯିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ ଓ ହାତଗଣତି ପ୍ରଶାସନିକ ଅଧିକାରୀଙ୍କୁ ନେଇ ନେହେରୁ ଷ୍ଟାଡିୟମଠାରେ ଏହା ପାଳନ କରାଯିବ। ଏହି ବୈଠକରେ ଚମ୍ପୁଆ ଏସ୍‌ଡିପିଓ ରାମରାୟ ମୁର୍ମୁ, ତହସିଲଦାର ସାଇସ୍ମିତା ହୋତା, ସହକାରୀ ଜିଲାପାଳ ଚାରୁଲତା ସିଂ, ଏନ୍‌ଏସି ନିର୍ବାହୀ ଅଧିକାରୀ ଗୌରହରି ମହାନ୍ତଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ସହିତ ବଜାର କମିଟିର ମୁଖ୍ୟମାନେ ଯୋଗ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଆନନ୍ଦପୁର,୧୦। ୮(ସ୍ୱ.ପ୍ର.):** କ୍ରୀଡା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟରେ ୮୯ ବିଜୁ ଇଣ୍ଡୋର ଷ୍ଟାଡିୟମ୍ ଜରିଆରେ ପ୍ରୟାସ ଆରମ୍ଭ କରିଛନ୍ତି। ଏହିକ୍ରମରେ ଆନନ୍ଦପୁର ଠାରେ ମଧ୍ୟ ବିଜୁ ଇଣ୍ଡୋର ଷ୍ଟାଡିୟମ୍ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଅନୁମୋଦିତ ହୋଇଛି। ୯ କୋଟି ୫୨ ଲକ୍ଷ ବ୍ୟୟ ଅଟକଳରେ ଆନନ୍ଦପୁର ବ୍ରିଜ ଛକ ଠାରେ ଏହି ଇଣ୍ଡୋର ଷ୍ଟାଡିୟମ୍ କାର୍ଯ୍ୟ ଆରମ୍ଭ ହେବ। କ୍ରୀଡାର ବିକାଶ ଦିଗରେ ମୁଖ୍ୟ ମନ୍ତ୍ରୀଙ୍କ ଏଭଳି ପ୍ରୟାସକୁ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ପ୍ରେସ୍ ମିଟ୍ ଜରିଆରେ ଧନ୍ୟବାଦ ଜ୍ଞାପନ କରିବା ସହିତ ଆନନ୍ଦପୁରବାସୀଙ୍କ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ମଙ୍ଗଳବାର ଅପରାହ୍ନ ୫ଟାରେ ଆନନ୍ଦପୁର କ୍ରୀଡା ସଂସଦ ସଂଯୋଜନାରେ ବ୍ରିଜଛକ ସ୍ଥିତ ଷ୍ଟାଡିୟମ୍ ଠାରେ ଏକ ପ୍ରେସ୍ ମିଟ୍ ଆହ୍ୱାନ କରାଯାଇଥିଲା। ଏଥିରେ ଆନନ୍ଦପୁର ବିଧାୟକ ତଥା କ୍ରୀଡା ସଂସଦ ସଭାପତି ଭାଗିରଥି ସେଠୀ, ସମ୍ପାଦକ ନବ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଇଣ୍ଡୋର ଷ୍ଟାଡିୟମ୍ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ।

### ରାଜଲକ୍ଷ୍ମୀ ହେଲେ ଉପସଭାପତି

**ଭଦ୍ରକ ଅଫିସ, ୧୦।୮:** ଭଦ୍ରକ ଜିଲା ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ରାଜଲକ୍ଷ୍ମୀ ମହାପାତ୍ରଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ସଭାନେତ୍ରୀ ବିଦ୍ୟୁତଲତା ନାୟକଙ୍କୁ କୃତଜ୍ଞତା ଜଣାଉଛନ୍ତି।

### ପୁରାତନ ଛାତ୍ର ସଂସଦ ପାଣ୍ଠିରୁ ୨,୪୮,୦୦୦ ଟଙ୍କା ପ୍ରଦାନ

**ଭଦ୍ରକ ଅଫିସ, ୧୦।୮:** ଭଦ୍ରକ ବ୍ଲକ ଚରମ୍ପା ସ୍ଥିତ ରାମଚନ୍ଦ୍ର ବିହାରୀଲାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦଙ୍କ ପାଣ୍ଠିରୁ ସଂଗୃହୀତ ୨,୪୮,୦୦୦ ଟଙ୍କା ମୋ ସ୍କୁଲ ଅଭିଯାନକୁ ସୋମବାର ଜିଲାପାଳ ଡ. ଜ୍ଞାନ ଦାସଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶ ଏହିକି ପୁରାତନ ଛାତ୍ର ସଂସଦର ସଭ୍ୟ ତଥା ଭଦ୍ରକ ସଦର ପୂର୍ବତନ ବିଧାୟକ ନରେନ ପଲେଇଙ୍କ ପ୍ରସ୍ତାବରେ ୨୦୦୮ ମସିହାରୁ ବିଦ୍ୟାଳୟର ଉନ୍ନତି ପାଇଁ ଛାତ୍ରମାନଙ୍କ ଦ୍ୱାରା ପ୍ରଦତ୍ତ ରାଶିର ସୁବିନିଯୋଗ ଉଦ୍ଦେଶ୍ୟରେ ଏକ ବୈଠକ ଡକାଇ ସରକାରଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଜନା ମୋ ସ୍କୁଲ ଅଭିଯାନକୁ ପ୍ରଦାନ କରିବା ପାଇଁ ଛାତ୍ର ସଂସଦର ମତ ଲୋଡ଼ିଥିଲେ। ଉକ୍ତ ଛାତ୍ର ସଂସଦର ବୈଠକରେ ସଭାପତି ବାବାଜୀ ଚରଣ ନାୟକ, ସମ୍ପାଦକ ପୁରାତନ ଛାତ୍ର ପ୍ରାଧାପକ ବିଜୟ କୁମାର ଜେନା, କୋଷାଧ୍ୟକ୍ଷ ସଞ୍ଜୟ ତ୍ରିପାଠୀ, ଛାତ୍ର ସଂସଦର ସଭ୍ୟ ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ଜିଲା କୃଷକ ମୋର୍ଚ୍ଚା କମିଟି ଘୋଷଣା

**ବାଲେଶ୍ୱର ଅଫିସ, ୧୦।୮:** ବାଲେଶ୍ୱର ଜିଲା ଭାଜପା କୃଷକ ମୋର୍ଚ୍ଚା କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଓ ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅନୁମୋଦନକ୍ରମେ ସଭାପତି କୈଳାଶ ଚନ୍ଦ୍ର ବାରିକ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। କମିଟିରେ ୪ ଜଣ ଉପସଭାପତି ହରେକୃଷ୍ଣ ଦାସ, ନିତ୍ୟାନନ୍ଦ ଦାସ, ମାନସ ରଞ୍ଜନ ମହାନ୍ତି ଓ ନିରାକାର ପଣ୍ଡା, ୨ ଜଣ ସାଧାରଣ ସମ୍ପାଦକ ରାଧାକୃଷ୍ଣ ବେହେରା ଓ ତପନ ମହାପାତ୍ର, ୫ଜଣ ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, କରୁଣାକର ମଲ୍ଲିକ, ସଚିନ୍ଦ୍ର ମହାନ୍ତି, ମଧୁମାଧବ ଜେନା ଓ ଅନନ୍ତ ପାତ୍ର, ଜଣେ କୋଷାଧ୍ୟକ୍ଷ ଭାବେ ଅଶୋକ ପ୍ରଧାନଙ୍କ ସମେତ ଓ ୧୮ଜଣ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଛନ୍ତି।

# ଜଳୁନି ୫ହଜାର ଷ୍ଟ୍ରିଟ୍ ଲାଇଟ

**ବାରିପଦା ଅଫିସ,୧୦।୮**

- ଅନ୍ଧାରରେ ବାରିପଦା ପୌର ପରିଷଦ
- ୩୩ ସିସିଏମ୍‌ଏକ୍ସ ବକ୍ସ ସମ୍ପୂର୍ଣ୍ଣ ଅଚଳ
- ୪ ସହରାଞ୍ଚଳ ପାଇଁ ଜଣେ ଟେକ୍ନିସିଆନ

ମୟୂରଭଞ୍ଜ ଜିଲାର ପୌର ଓ ବିଜ୍ଞାପିତ ପରିଷଦ ଅଞ୍ଚଳରେ ଆଲୋକୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ୫ ହଜାର ଷ୍ଟ୍ରିଟ୍ ଲାଇଟ ଜଳୁ ନାହିଁ। ଏହାର ସୁଯୋଗରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସହରବାସୀ ଦେଉଥିବା ହୋଲ୍ଡିଂ ଟ୍ୟାକ୍ସ କାମରେ ଲାଗୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

ଜିଲାର ବାରିପଦା ମ୍ୟୁନିସିପାଲଟି ଅଧୀନ ୨୮ ୱାର୍ଡରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନା ଏନର୍ଜି ଏଫିସିଏନ୍‌ସି ସର୍ଭିସ ଲିମିଟେଡ (ଇଇଏସ୍‌ଏଲ୍) ଜରିଆରେ ଆସ୍ଥା ସଂସ୍ଥା ପକ୍ଷରୁ ୨୦୧୪-୧୫ରେ ଆଲୋକୀକରଣ ପାଇଁ ୮୫୦୦ ଏଲ୍‌ଇଡ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା କରାଯାଇଥିଲା। ସମସ୍ତ ୱାର୍ଡର ମୁଖ୍ୟ ରାସ୍ତାରେ ୩୫ ୱାଟ୍‌ରୁ ଆରମ୍ଭ କରି ୧୧୦ୱାଟ୍ ପର୍ଯ୍ୟନ୍ତ ଏଲ୍‌ଇଡି ଲାଇଟ ଲଗାଯାଇଛି। ଏହାର ମରାମତି ପାଇଁ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ପକ୍ଷରୁ ଜିଲାରେ ଜଣେ ମାତ୍ର ଟେକ୍ନିସିଆନ ରହିଛନ୍ତି। ଲାଇଟ୍‌ଗୁଡ଼ିକ କଣ୍ଟ୍ରୋଲ କରିବା ପାଇଁ ବାରିପଦା ମ୍ୟୁନିସିପାଲଟିରେ



ସହରରେ ଜଳୁ ନ ଥିବା ଷ୍ଟ୍ରିଟ୍ ଲାଇଟ।

୨୧୬ ସିସିଏମ୍‌ଏସ୍ ବକ୍ସ ରହିଛି। ପ୍ରତି ବାକ୍ସରେ ୫୦ରୁ ୧୦୦ ଲାଇଟକୁ କଣ୍ଟ୍ରୋଲ କରିବାର କ୍ଷମତା ରହିଥିବା ବେଳେ ସମୟ ଅନୁଯାୟୀ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଜଳିଥାଏ। ବର୍ତ୍ତମାନ ୩୩ଟି ସିସିଏମ୍‌ଏସ୍ ବକ୍ସ ସମ୍ପୂର୍ଣ୍ଣ ଅଚଳ ଥିବା ବେଳେ ଶହେରୁ ଊର୍ଦ୍ଧ୍ୱ ବକ୍ସ ଆଂଶିକ ଅଚଳ ରହିଛି। ଫଳରେ ୫ହଜାରରୁ ଊର୍ଦ୍ଧ୍ୱ ଲାଇଟ ଦୀର୍ଘଦିନ ହେଲା ଜଳୁନାହିଁ ବୋଲି ୭ନଂ. ୱାର୍ଡର ବାସିନ୍ଦା ପ୍ରକାଶ ନାଏକ, ହରପ୍ରିୟା ସେଠୀ ପ୍ରମୁଖ କହିଛନ୍ତି। ଏହି ଲାଇଟଗୁଡ଼ିକ ମରାମତି ହେଉ ନ ଥିବା ଓ ନୂଆ ଲାଇଟର ବ୍ୟବସ୍ଥା କରାଯାଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବର୍ଷକ ତଳେ ଗ୍ରୀନଫିଲ୍ଡ ଯୋଜନାରେ ଉନ୍ନତ ମାନର ୧୩୦୦ ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। ତେବେ ଅଧିକ ୨୦୦ ଷ୍ଟ୍ରିଟ୍ ଲାଇଟ ଲାଗିବାକୁ ରହିଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବାରିପଦା ମ୍ୟୁନିସିପାଲଟିର ମନୋରଞ୍ଜନ ପାଣିଗ୍ରାହୀ କୁହନ୍ତି, ଆସ୍ଥା ଇଲେକ୍ଟ୍ରିକାଲ ସଂସ୍ଥା ଉକ୍ତ ଲାଇଟର ପରିଚାଳନା ଦାୟିତ୍ୱରେ ରହିଛନ୍ତି। ବାରିପଦା ସମେତ ରାଇରଙ୍ଗପୁର ମ୍ୟୁନସିପାଲଟି ଏବଂ କରଞ୍ଜିଆ ଓ ଉଦଳା ଏନ୍‌ଏସିରେ ଥିବା ଷ୍ଟ୍ରିଟ୍ ଲାଇଟ ଅଚଳ ହେଲେ ଏହି ଜଣେ ମାତ୍ର ଟେକ୍ନିସିଆନ ମରାମତି କରିଥାନ୍ତି। ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବା ସହ ଖୁବ୍ ଶୀଘ୍ର ଷ୍ଟ୍ରିଟ୍ ଲାଇଟଗୁଡ଼ିକ ସଜାଡ଼ିବା ପାଇଁ ମଧୁବନ ଉନ୍ନୟନ ପରିଷଦ ଦାବି କରିଛି। ଏନେଇ ପୌର ନିର୍ବାହୀ ଅଧିକାରୀ ତଥା ବାରିପଦା ସଦର ଉପଜିଲାପାଳ ଅନ୍ୟା ଦାସଙ୍କୁ ପଚାରିବାରୁ ସଂସ୍ଥାର ବଳକା ଅର୍ଥରାଶି ପ୍ରଦାନ କରାଯାଇଛି। ଖୁବ୍ ଶୀଘ୍ର ଲାଇଟଗୁଡ଼ିକର ମରାମତି କରି ପରିସ୍ଥିତି ସ୍ୱାଭାବିକ କରାଯିବ ବୋଲି ସେ କହିଛନ୍ତି।

## ଯୌତୁକ ନିର୍ଯାତନା ଦେଇ ହତ୍ୟା ଅଭିଯୋଗ

**ଭଣ୍ଡାରିପୋଖରୀ,୧୦।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ଫାଣ୍ଡି ଅଧୀନ ସାରୋ ଗ୍ରାମରେ ଜଣେ ନବବଧୁଙ୍କୁ ଶାଶୁ ଘର ଲୋକେ ଅଧିକ ଯୌତୁକ ନିର୍ଯାତନା ଦିଆଯାଇ ମାରି ଦେଇଥିବା ଅଭିଯୋଗ ହୋଇଛି। ଭଣ୍ଡାରିପୋଖରୀ ଥାନା ନୀଳାଦ୍ରି ଗ୍ରାମର କୃପାସିନ୍ଧୁ ବେହେରାଙ୍କ ଝିଅ ରୂପାଲି ସାରୋ ଗ୍ରାମର କାଳନ୍ଦୀ ସେନାପତିଙ୍କୁ ଦୁଇ ବର୍ଷ ତଳେ ବିବାହ କରିଥିଲେ। ସୋମବାର ଶାଶୁ ଘର ଲୋକ ରୂପାଲିଙ୍କୁ ମାରି ଦେଇଥିବା ତାଙ୍କ ବାପା କୃପାସିନ୍ଧୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ସ୍ୱାମୀ କାଳନ୍ଦୀଙ୍କ ସହ ପରିବାରର ନଅ ଜଣଙ୍କ ନାମରେ ଏକ ମାମଲା (ନଂ.୨୪୫/୨୧) ରୁଜୁ କରି ତଦନ୍ତ ଚଳାଇଛି।

## ଗ୍ରାମ୍ୟ ରାସ୍ତା ଚିହ୍ନଟ ପାଇଁ ଅଭିଯୋଗ

**ଝୁମ୍ପୁରା, ୧୦।୮ (ଡି.ଏନ.ଏ.)**

କେନ୍ଦୁଝର ଝୁମ୍ପୁରା ବ୍ଲକ ନହବେଡା ପଞ୍ଚାୟତ ଅନ୍ତର୍ଗତ ଜାନସନପୁର ଗ୍ରାମର ତୋଟାସାହି ବାସୀନ୍ଦା ଗ୍ରାମ୍ୟ ରାସ୍ତା ଚିହ୍ନଟ ପାଇଁ ଝୁମ୍ପୁରା ତହସିଲଦାରଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଫର୍ଦ୍ଦରେ ଗ୍ରାମବାସୀ ମୁକୁନ୍ଦ ଚନ୍ଦ୍ର ନାଏକ, ଅଗନୁ ନାଏକ, ଆଲୋକ ମହାନ୍ତ, ସମିତିସଭ୍ୟା ମୀରା ନାଏକ ପ୍ରମୁଖ ଦର୍ଶାଇଛନ୍ତି ଜାନସନପୁର ଗ୍ରାମର ତୋଟା ସାହି ଗ୍ରାମ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଜବରଦଖଲକାରୀମାନେ ରାସ୍ତା ଉପରକୁ ଘର ତିଆରି କରିବା ସହିତ ପାଚେରୀ ଓ ବାଡ ଦେଇ ନିଜ ଦଖଲକୁ ନେବାରେ ଲାଗିଛନ୍ତି। ରାସ୍ତାଟି ସଙ୍କୁଚିତ ହେବା ଦ୍ୱାରା ସାହିର ଚାଷୀମାନେ ହଳ ଲଙ୍ଗଳ ନେଇ ଚାଷ କ୍ଷେତକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହି ଭିତରକୁ ଆମ୍ବୁଲାନ୍ସ ମଧ୍ୟ ଆସିପାରୁ ନାହିଁ। ଅଭିଯୋଗ କରିବାର ୪ମାସ ବିତି ଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏସମ୍ପର୍କରେ ତହସିଲଦାର ପ୍ରତିଭା ପୃଷ୍ଟି କହିଛନ୍ତି, ଉକ୍ତ ରାସ୍ତା ଚିହ୍ନଟ କରିବା ପାଇଁ ବାଲିବନ୍ଧ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଲିବନ୍ଧ ରାଜସ୍ୱ ନିରୀକ୍ଷକ ସୋନାଲୀ ସେଠୀ କହିଛନ୍ତି, କୋଭିଡ ପ୍ରକ୍ରିୟା ଯୋଗୁ ଚିହ୍ନଟ ଡେରି ହୋଇଛି ଖୁବ୍‌ଶୀଘ୍ର ଚିହ୍ନଟ କରାଯିବ।

## ପକ୍କାଘର ପାଇଁ ଗୁହାରି କଲେ ହିତାଧିକାରୀ

**ବନ୍ତ,୧୦।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ୧ନଂ. ୱାର୍ଡ ମନୋହରପୁର ଗ୍ରାମର ଗରିବ ଅନୁସୂଚିତ ଜାତିର ପରିବାର ଲୋକେ ପକ୍କା ଘର ପାଇବା ନେଇ ସୋମବାର ବିଡିଓଙ୍କଠାରେ ଗୁହାରୀ କରିଛନ୍ତ। ଉଲ୍ଲେଖ ଯେ, ଗତ ଜୁଲାଇ ମାସରେ ଉକ୍ତ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୧୨ ଜଣଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ତାଲିକା ଆସିଥିଲା। ସେଥିରେ ଉକ୍ତ ଗ୍ରାମର ବ୍ରଜ କିଶୋର ମଲ୍ଲିକ, ବିଶ୍ୱନାଥ ଯେନା, ଚିନ୍ତାମଣି ଯେନା, ନରେଶ ମଲ୍ଲିକ, ନିଳମଣି ଯେନା, ଜୀବନ କୁମାର ଯେନା, କାହ୍ନୁ ପତି, ଦିନବନ୍ଧୁ ଯେନା, ବଳରାମ ଯେନା, ମାନସୀ ଯେନା, ରତ୍ନାକର ବାରିକଙ୍କ ନାମକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସମ୍ପୃକ୍ତ ହିତାଧିକାରୀମାନେ ଭଙ୍ଗା ଚାଳ ଛପର ଘରେ ପିଲାଛୁଆଙ୍କୁ ଧରି ରହୁଛନ୍ତି। ଉକ୍ତ ଗ୍ରାମ କପାଳୀ ନଦୀ କୂଳରେ ଅବସ୍ଥିତ ଥିବାରୁ ବର୍ଷା ଦିନେ ବନ୍ୟା ପାଣିରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପୂର୍ବରୁ ପ୍ରଶାସନ ତରଫରୁ ତଦନ୍ତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ହିତାଧିକାରୀମାନେ ପକ୍କାଘର ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆଙ୍କୁ ପଚାରିବାରୁ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଯୋଗ୍ୟ ହିତାଧିକାରୀଙ୍କନାମକୁ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଉଛି। ୨ୟ ପର୍ଯ୍ୟାୟ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

## ରେବତୀ ହେଲେ ବିଜେଡି ମହିଳା ଜିଲା ସାଧାରଣ ସମ୍ପାଦିକା

**ବନ୍ତ,୧୦।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ୧୫ନଂ.ଜିଲା ପରିଷଦ ଜୋନ୍ ସଭ୍ୟା ରେବତୀ ନାୟକ ଜିଲା ବିଜେଡି ମହିଳା ସାଧାରଣ ସମ୍ପାଦିକା ଭାବେ ନିଯୁକ୍ତ ହୋଇଛନ୍ତି। ୨୦୧୭ରୁ ସେ ୧୫ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ଭାବେ କାର୍ଯ୍ୟ କରି ଆସୁଛନ୍ତି। ୨୦୦୦ରୁ ସେ ରାଜନୀତିରେ ପାଦ ଦେଇ ବନ୍ତ ବ୍ଲକର ମହିଳା ସଂଗଠନକୁ ସୁଦୃଢ଼ କରିବା ସହିତ ଜିଲା ମହିଳା ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। ତାଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଥିବାରୁ ସେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଇଂ.ପ୍ରୟାସକାନ୍ତି ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଦିବାସୀଙ୍କ ବିକାଶ ଲାଗି ଦାବି



ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଗୋଁଡ ଶିଳ୍ପୀଙ୍କ ଦ୍ୱାରା ଖଣ୍ଡା ନୃତ୍ୟ ପରିବେଷଣ କରାଯାଉଛି।

**କେନ୍ଦୁଝର, ୧୦।୮(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଗୋଁଡ ସାଂସ୍କୃତିକ ସମାଜ ପକ୍ଷରୁ ବାଲିପୋଖରୀ ପଲ୍ଲୀ ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଗୋଁଡ ସାଂସ୍କୃତିକ ସମାଜର ପାରମ୍ପାରିକ ଜଙ୍ଘାଦେଓଙ୍କ ପୂଜାର୍ଚ୍ଚନା ପରେ ଜିଲା ସଭାପତି ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପଲ୍ଲୀ ସଭାପତି ରାମଚନ୍ଦ୍ର ସିଂହ, ଚକ୍ରଧର ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ବାଲିପୋଖରୀ ସଭାପତି ଦୟାନିଧି ଖଣ୍ଡା ପ୍ରମୁଖ କର୍ମକର୍ତ୍ତା ଓ ଜିଲା କମିଟିର ସଦସ୍ୟମାନେ ଉକ୍ତ ଦିବସର ମହତ୍ତ୍ୱ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଦିବାସୀମାନଙ୍କର ବିକାଶ ନିମନ୍ତେ ସେମାନଙ୍କର ଶିକ୍ଷା, ସାମାଜିକ ଜୀବନଯାତ୍ରା, ସୁରକ୍ଷା ଅଧିକାର ଓ ସ୍ୱାସ୍ଥ୍ୟପୂର୍ଣ୍ଣ ଜୀବନ ପ୍ରଣାଳୀକୁ ସହଜ କରାଯିବାକୁ ଦାବିମାନ ଉପସ୍ଥାପନ ହୋଇଥିଲା। ବିଶ୍ୱନାଥ ନାୟକ, ଗୋଲଖ ନାୟକ, ପରେଶ ନାୟକ, ଦୁଃଖବନ୍ଧୁ ନାୟକ, ଦୈତାରୀ ସିଂହ ପ୍ରମୁଖ ସଭା ପରିଚାଳନା କରିଥିବାବେଳେ ଗୋଁଡ ସାଂସ୍କୃତିକ ସମାଜର ପାରମ୍ପାରିକ ଖଣ୍ଡା ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

## ସହାୟତା ଦାବିକଲେ ମନ୍ଦିର ପୂଜକ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମନ୍ଦିର ପୂଜକ।

**କେନ୍ଦୁଝର, ୧୦।୮(ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ବିଭିନ୍ନ ମନ୍ଦିରରେ କାର୍ଯ୍ୟ କରୁଥିବା ପୂଜକଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ମନ୍ଦିର ପୂଜକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦେଢବର୍ଷ ହେଲା କରୋନା ମହାମାରୀ ପରିସ୍ଥିତି ପାଇଁ ଜିଲାର ବିଭିନ୍ନ ମନ୍ଦିରରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ଭକ୍ତଙ୍କ ଆଗମନ ବନ୍ଦ ରହିଛି। ଯଦିଓ କିଛି ସମୟ ପାଇଁ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲିବାକୁ ଅନୁମତି ମିଳିଥିଲା ସେ ସମୟରେ ସାଧାରଣ ଦର୍ଶନ ବ୍ୟତୀତ ଭୋଗରାଗ,ପ୍ରସାଦସେବନ ବ୍ୟବସ୍ଥା ବାରଣ କରାଯାଇଥିବାରୁ ଜିଲାର ବିଭିନ୍ନ ମନ୍ଦିରରେ କାର୍ଯ୍ୟରତ ପୂଜକମାନେ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ପ୍ରଭାବିତ ଲୋକଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ତେଣୁ ଜିଲାର ମନ୍ଦିର ଗୁଡ଼ିକରେ କାର୍ଯ୍ୟରତ ପୂଜକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଗଲେ ସେମାନେ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି।

## ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଆରମ୍ଭ ହେଲା ସର୍ଭେ

**ବାରିପଦା ଅଫିସ,୧୦।୮**

ମୟୂରଭଞ୍ଜ ଜିଲା ପୂର୍ତ୍ତ ବିଭାଗ ଦ୍ୱାରା ପ୍ରସ୍ତାବିତ ରାସ୍ତା ଓ ପୋଲ ନିର୍ମାଣ ପ୍ରକଳ୍ପ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତାର ଓସାର ଓ ଦୈର୍ଘ୍ୟକୁ ନେଇ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ମଞ୍ଜୁର ନିମନ୍ତେ ପଠାଯାଇଛି। ଏହା ମଞ୍ଜୁର ହେଲେ ଗମନାଗମନରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଜିଲାର ଧାଙ୍ଗଡ଼ିଶୋଳ-ଚାନ୍ଦୁଆ-ଶୁଳିଆପଦା-ବରକନ୍ଦ ପର୍ଯ୍ୟନ୍ତ ୬୪ କି.ମି. ରାସ୍ତା, ଚିତ୍ରଡ଼ା-ତମ୍ଭାଖୁଲି-ରାଜଘାଟ ପର୍ଯ୍ୟନ୍ତ ୨୮କି.ମି. ରାସ୍ତା, ବୈଶିଙ୍ଗା-ଉଦଳା-ପୋଡ଼ାଡ଼ିହା ପର୍ଯ୍ୟନ୍ତ ୫୬କି.ମି. ରାସ୍ତା, ବାରିପଦା ଷ୍ଟେଶନ ବଜାର-ପ୍ରତାପପୁର ପର୍ଯ୍ୟନ୍ତ ୧୮କି.ମି. ରାସ୍ତାର ଓସାର ସାଢେ ୭ମିଟର କରାଯିବ ବୋଲି ଜଣାପଡ଼ିଛି। ସେହିପରି ବାରିପଦା-ବାଘଡ଼ା ରାସ୍ତାର କୋଷ୍ଠା ନିକଟରେ ନୂତନ ପୋଲ, ବୈଶିଙ୍ଗା-ଉଦଳା ରାସ୍ତାର ନାଖରାଠାରେ ଥିବା ବୁଢ଼ାବଳଙ୍ଗ ନଦୀରେ ଉଚ୍ଚ ପୋଲ ନିର୍ମାଣ ହେବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ନେଇ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ମିଳିତ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବାଲେଶ୍ୱର ଅଫିସ, ୧୦।୮**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ବାଲେଶ୍ୱର ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିଗୁଡ଼ିକ ମଧ୍ୟରେ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜ ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କୁ ଅବିକଳ ହାରରେ ସପ୍ତମ ବେତନ ହାର ପ୍ରଦାନ, ଅବସରକାଳୀନ ପେନସନ ସମେତ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ଶୂନ୍ୟପଦବୀ ପୂରଣ, ଅବସର ସମୟସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି କରିବା ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ସରକାର ଭ୍ରୁକ୍ଷେପ କରୁ ନ ଥିବା ଅଭିଯୋଗ ହୋଇଛି। ଦାବି ପୂରଣ ନ ହେଲେ ଆସନ୍ତା ଅଗଷ୍ଟ ୧୬ରେ ଭୁବନେଶ୍ୱରଠାରେ ବିଶାଳ ଶିକ୍ଷକ ଆନ୍ଦୋଳନ କରାଯିବ ବୋଲି ଶିକ୍ଷକ ନେତୃତ୍ୱମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଶିକ୍ଷକ ନେତୃତ୍ୱ ଗଜେନ୍ଦ୍ର ପ୍ରସାଦ ନାୟକ, ବାଦଲ ଚନ୍ଦ୍ର ପାତ୍ର, ମନୋରଞ୍ଜନ ଦାସ, ଅକ୍ଷୟ କୁମାର ମିଶ୍ର, ଜୟନ୍ତ ସେଠୀ, ଦୟାନିଧି ସାହୁ, ଜଗବନ୍ଧୁ ପଣ୍ଡା, ଦେବେନ୍ଦ୍ର ଦାସ, ଶ୍ୟାମସୁନ୍ଦର ଜେନା, ଶଚୀନ୍ଦ୍ର ମହାନ୍ତି, ଅଜିତ ମହାନ୍ତି, ନବକିଶୋର ବାରିକ, ନିରଞ୍ଜନ ଦାସ, ବିଜୟ କୁମାର ପାତ୍ର, ହରିପଦ ଭୂୟାଁ, ପ୍ରଶାନ୍ତ କୁମାର ମହାନ୍ତି, ବିଜୟାନନ୍ଦ ପଟ୍ଟନାୟକ, ସୁକୁମାର ମିଶ୍ର ପ୍ରମୁଖ ଶିକ୍ଷକ ନେତାମାନେ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜମି ଫାଟି ଆଁ : ଚିନ୍ତାରେ ଚାଷୀ

**ତେଲକୋଇ, ୧୦।୮(ଡି.ଏନ.ଏ.)**

ଚାଷୀ ବହୁଳ ତେଲକୋଇ ଅଞ୍ଚଳରେ ବର୍ଷାର ଅଭାବ ଯୋଗୁ ଅଧିକାଂଶ ଜମି ଶୁଖିଲା ପଡିଛି। ଧାନ, ରୁଆ ବିହୁଡା ଅଧାରେ ରହିଛି। ଚାଷୀ ମାନେ ଧାର କରଜ କରି ଧାନ ବିହନ, ସାର, ଔଷଧ ଆଣିଥିବାରୁ ଏବେ ଚିନ୍ତାରେ ପଡିଛନ୍ତି। ମୌସମୀ ବର୍ଷା ଓ ଲଘୁଚାପ ବର୍ଷା ଏହି ଅଞ୍ଚଳରେ ଏଯାଏ ସକ୍ରିୟ ହୋଇପାରିନାହିଁ। କୃଷି ବିଭାଗ ସୂଚନା ଅନୁଯାୟୀ ଏହି ଅଞ୍ଚଳରେ ୧୬ ହଜାର ହେକ୍ଟରରୁ ଅଧିକା ଚାଷ ଜମି ରହିଛି। ସେହିପରି ୧୨ଟି କ୍ଷୁଦ୍ର ଜଳସେଚନ ରହିଛି। ଏହି ଅଞ୍ଚଳର ଚାଷୀମାନେ ପ୍ରାୟତଃ ଚାଷ ଉପରେ ନିର୍ଭର କରିଥାନ୍ତି। ୨୦୧୯-୨୦ ମସିହାରେ ଅଗଷ୍ଟ ମାସ ସୁଦ୍ଧା ୪୪ ମି.ମି. ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୨୨ ମି.ମି. ବର୍ଷା ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜମିରେ ପାଣି ନ ଥିବାରୁ ଚାଷ କାମ କରି ହେଉନାହିଁ ବୋଲି ଚାଷୀ ଭଦ୍ରସେନ ପ୍ରଧାନ କହିଛନ୍ତି। ସେପଟେ ବର୍ଷାର ଅଭାବ ଯୋଗୁ କ୍ଷୁଦ୍ର ଜଳସେଚନ ଭଣ୍ଡାରରେ ପାଣିର ଅଭାବ ପାଇଁ ଚାଷୀ ମାନେ ମଧ୍ୟ ଜଳସେଚନରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ କୃଷି ବିଭାଗ ଅଧିକାରୀ ଭୁବନେଶର ହାଁସଦା କହିଛନ୍ତି ବର୍ଷାର ଅଭାବ ଯୋଗୁ ଚାଷୀ ପ୍ରଭାବିତ ହୋଇଛନ୍ତି। ଆଗାମୀ ସପ୍ତାହରେ ବର୍ଷା ନ ହେଲେ ଚାଷୀଙ୍କ ସମସ୍ୟା ହେବା ଆଶଙ୍କା ଦେଖାଦେଇଛି। ଏ ନେଇ ପ୍ରତି ସପ୍ତାହରେ ଚାଷ ଉପରେ ଆମ ବିଭାଗ ପକ୍ଷରୁ ଜିଲା କୃଷି ବିଭାଗକୁ ଅବଗତ କରାଯାଉଛି।



ଶୁଖିଲା ପଡିଛି ଚାଷ ଜମି।

## ବିଜୁ ଛାତ୍ର ଜନତା ଦଳ ବୈଠକ

**ପାଟଣା,୧୦।୮(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ସାହାରପଡା ବ୍ଲକ ବିଜୁ ଛାତ୍ର ଜନତା ପକ୍ଷରୁ ଉଦୟପୁର ମନ୍ଦିର ପରିସରରେ ମଙ୍ଗଳବାର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ କର୍ମକର୍ତ୍ତାଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଛାତ୍ର ଜନତା ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ତଥା ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ, ଉପାଧ୍ୟକ୍ଷା କିରଣ ବାଳା ସିଂ, ଜିଲା ପର୍ଯ୍ୟବେକ୍ଷକ ଅଭିଷେକ ବେହେରା, ଜିଲା ଛାତ୍ର ବିଜେଡି ସଭାପତି ଅବିନାଶ ପଟନାୟକ, ଜିଲା ଛାତ୍ର ବିଜେଡି ଉପସଭାପତି ବିପ୍ଳବ କୁମାର ପୃଷ୍ଟି, ସାହାରପଡା ବ୍ଲକ ଛାତ୍ର ସଭାପତି ପ୍ରଣବ ପହି,ପାଟଣା ବ୍ଲକ ଛାତ୍ର ସଭାପତି ଅଭିଜିତ ରଣା ପ୍ରମୁଖ ମଞ୍ଚାସୀନ ଥିଲେ।

ଧରିତ୍ରୀ
DHARITRI
ବୁଧବାର, ୧୧ ଅଗଷ୍ଟ, ୨୦୨୧

**୪ ଚୋରା ମଦ ବେପାରୀ ଗିରଫ**

ସୋର, (ଡି.ଏନ.ଏ.)-କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଦ୍ୱାରା ମଙ୍ଗଳବାର ସୋର ଜାତୀୟ ରାଜପଥ ବରଫକଳ ଛକ ନିକଟରୁ ଏକ କାର୍ ସହ ବିପୁଳ ପରିମାଣର ମଦ ଜବତ କରାଯାଇଛି। ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ମଦ ଜବତ ସହିତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।



## ସଂକ୍ଷେପରେ

### ଉଜୁଡ଼ିଲା ଫସଲ, ଭାଙ୍ଗିଲା ଘର, ହାତୀ ଉପଦ୍ରବ

ପାଟଣା,୧୦।୮(ସ୍ୱ. ପ୍ର.):କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ସାହାରପଡା ସେକ୍ସନ ଅଞ୍ଚଳରେ ୩ ଦିନ ହେବ ୨୬ ଟିକିଆ ଝାଡ଼ଖଣ୍ଡି ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଏହି ହାତୀ ପଲରେ ୧୨ ମାଈ ହାତୀ, ୮ ଛୁଆହାତୀ ଓ ୬ ଦନ୍ତା ରହିଛନ୍ତି। ହାତୀପଲ ଦିନ ବେଳା କରଞ୍ଜିଆ ରେଞ୍ଜ୍‌କୁ ପଳାଉ ଥିବା ବେଳେ ରାତି ହେଲେ ପାଟଣା ରେଞ୍ଜ୍ ଅଞ୍ଚଳକୁ ପ୍ରବେଶ କରି ବ୍ୟାପକ ଧାନ, ମକା ଓ ପନିପରିବା ଫସଲ ମାଡ଼ିଦଳି ନଷ୍ଟ କରୁଛନ୍ତି। ସୋମବାର ବିଳମ୍ବିତ ରାତିରେ ଏହି ହାତୀପଲ ଟଭାସରୁଆ ଗ୍ରାମର ହୃଦାନନ୍ଦ ମହାରଣା, ଦାସପଡ଼ା ଗ୍ରାମର ସୁଦନ ମୁଣ୍ଡା ଓ ଗୁଣ୍ଡୁରୀ ପଶି ଗ୍ରାମର ଶରତ ନାଏକଙ୍କ ଘର ଭାଙ୍ଗି ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ବ୍ଲକସ୍ତରୀୟ ବିଜେଡି କର୍ମକର୍ତ୍ତା ବୈଠକ

କୁଳିଅଣା,୧୦।୮(ଡି.ଏନ.ଏ.): କୁଳିଅଣା ବ୍ଲକ ଚାନ୍ଦୁଆ ଫୁଟବଲ ପଡ଼ିଆରେ ମଙ୍ଗଳବାର ବିଜେଡି ପକ୍ଷରୁ ବ୍ଲକସ୍ତରୀୟ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ନଂ. ଜୋନ ଅନ୍ତର୍ଗତ ସରଗଛିଡ଼ା, ଚାନ୍ଦୁଆ, ନେଧନାକୁ ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ବ୍ଲକ ସଭାପତି ସୁଧାଂଶୁ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମିଟିଂ କମିଟିର ସଭାପତି ଦୁର୍ଗା ମାରାଣ୍ଡି ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳକୁ କିଭଳି ସଫଳତା ମିଳିବ ସେ ବିଷୟରେ ଆଲୋଚନା କରିଥିଲେ। ରବୀନ ଦଣ୍ଡପାଟ, ଯତୀନ ମାଝୀ, ସଂଗ୍ରାମ ମାରାଣ୍ଡି, ବଳରାମ ସିଂ, ଫାଗୁରାମ ସୋରେନ, ଶଙ୍କର ସିଂଦେଓ, ପ୍ରଭା ପାତ୍ର, ଛନ୍ଦା ସିଂ, ବଳରାମ ସୋରେନ, ବିମ୍ବାଧର ମହାନ୍ତ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ପାଳନ ହେଉନି ପ୍ରତିଶ୍ରୁତି, ଓକିଲଙ୍କ ଆନ୍ଦୋଳନ ଜାରି

ଜଳେଶ୍ୱର, ୧୦।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱରରେ ଅବସ୍ଥାପିତ ଦେୱାନୀ ଓ ଫୌଜଦାରୀ କୋର୍ଟ ଲକ୍ଷ୍ମଣନାଥସ୍ଥିତ ୬୦ନଂ. ଜାତୀୟ ରାଜପଥ କଡ଼କୁ ସ୍ଥାନାନ୍ତର ବେଳେ ବାଲେଶ୍ୱର ଜିଲା ଜଜ୍ ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଦୀର୍ଘମାସ ଧରି ପାଳନ ହେଉନି। ଫଳରେ ଜଳେଶ୍ୱର ଓକିଲ ସଂଘ ଆନ୍ଦୋଳନ କରି ଆସୁଛି। ୬୦ନଂ. ଜାତୀୟ ରାଜପଥ କଡ଼କୁ ସ୍ଥାନାନ୍ତର ହୋଇଥିବା କୋର୍ଟଗୁଡ଼ିକ ଆସିବା ପରେ ସେଠାକୁ ଆସୁଥିବା ଜନସାଧାରଣଙ୍କ ଲାଗି ପିଇବା ପାଣି, ବସିବା ବ୍ୟବସ୍ଥା, ଯାତାୟାତ ଲାଗି ମୋ ବସ୍ ଚଳାଚଳ, ଫାଣ୍ଡି, ଶୌଚାଳୟ, କ୍ୟାଣ୍ଟିନ୍, ଫୁଟ ଓଭରବ୍ରିଜ୍ ଲାଗି ପ୍ରତିଶ୍ରୁତି ଦିଆଯାଇଥିଲା। ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ଏସବୁକୁ ଲକ୍ଷ୍ୟ କରି ଓକିଲ ସଂଘ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ। ଫଳରେ ସେମାନେ ଗେଟ୍ ଫାଟକ ବନ୍ଦ କରି ଆନ୍ଦୋଳନ କରି ଆସୁଛନ୍ତି। ଆସନ୍ତା ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ନିର୍ମାଣସ୍ଥଳରୁ ପଥର,ମାଟି ଖୋଳି ନେଲେ

ବନ୍ତ,୧୦।୮(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ କଳାପାହାଡ଼ଠାରୁ ବନ୍ତ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଉକ୍ତ ରାସ୍ତାର ନରସିଂହପୁର-ବଳଭଦ୍ରପୁରଠାରେ କପାଳୀ ନଦୀ ଉପରେ ଏକ ପୋଲ ନିର୍ମାଣ ହେଉଛି। ପୋଲ ନିର୍ମାଣ ସ୍ଥଳର ଉଭୟ ପାର୍ଶ୍ୱରେ ପୂର୍ବରୁ ଥିବା ପଥର ପ୍ୟାକିଂ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଶହ ଶହ ଟ୍ରିପ୍ ମାଟି ଖୋଳି ନିଆଯାଉଛି। ଫଳରେ ଆଗାମୀ ଦିନରେ ପୋଲ ଭୁଶୁଡ଼ି ପଡ଼ିବା ସହିତ ନଦୀର ଗତିପଥ ପରିବର୍ତ୍ତନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ନରସିଂହପୁର ଗ୍ରାମର ଶିବ ନାରାୟଣ ବିଶ୍ୱାଳ ଭଦ୍ରକ ଜିଲାପାଳ, ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଭଦ୍ରକ ଟାଉନ୍ ଓ ବନ୍ତ ଥାନାଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆସନ୍ତା ଅଗଷ୍ଟ ୧୩ରେ ଜିଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନ କରିବେ ବୋଲି ବିଶ୍ୱାଳ କହିଛନ୍ତି। ଏସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସୁଧାଂଶୁ ମହାପାତ୍ରଙ୍କୁ ପଚାରିବାରୁ ପୋଲର ସମ୍ପ୍ରସାରଣ କରାଯାଉଥିବାରୁ ପୂର୍ବରୁ ଥିବା ପଥର ପ୍ୟାକିଂକୁ ଖୋଳିବାକୁ ପଡୁଛି ବୋଲି କହିଛନ୍ତି।

# ନୁଆଁଣିଆ ଚାଳଘରେ ଚାଲିଛି ସଂଘର୍ଷ

## ପ୍ରୋତ୍ସାହନ ଅପେକ୍ଷାରେ ଆନ୍ତର୍ଜାତିକ ଖୋ ଖୋ ଖେଳାଳି

ବାଲେଶ୍ୱର ଅଫିସ, ୧୦।୮

ଟୋକିଓ ଅଲିମ୍ପିକ୍ସ ସଫଳତା ପରେ ସମଗ୍ର ଦେଶରେ କ୍ରୀଡ଼ାକୁ ନେଇ ବେଶ ଆଲୋଚନା ଚାଲିଛି। ରାଜ୍ୟ ସରକାର ମଧ କ୍ରୀଡ଼ାର ଭିତ୍ତିଭୂମିର ବିକାଶ ପାଇଁ ନୂଆ ନୂଆ ଘୋଷଣା କରିଚାଲିଛନ୍ତି। ସମ୍ପ୍ରତି ରାଜ୍ୟରେ ୬୯୩କୋଟି ଟଙ୍କା ଖର୍ଚ୍ଚରେ ୮୯ଟି ବହୁମୁଖୀ ଇନଡ଼ୋର ଷ୍ଟାଡିୟମ ନିର୍ମାଣ ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଥିବା ସମ୍ଭାବନାକୁ ସଫଳତାରେ ରୂପାନ୍ତରିତ କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଥିବା କୁହାଯାଇଛି। ମାତ୍ର ଆନ୍ତର୍ଜାତିକ ଟୁର୍ନାମେଣ୍ଟରେ ସଫଳ ହୋଇଥିବା ଖେଳାଳି ପ୍ରୋତ୍ସାହନରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳ କାଟୁଥିବା ଘଟଣା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। ଏପରି ଜଣେ ଖେଳାଳି ହେଉଛନ୍ତି ସତ୍ୟଜିତ ସିଂ।

ମୟୂରଭଞ୍ଜ ଜିଲା ମୋରଡ଼ା ଅଞ୍ଚଳର ସତ୍ୟଜିତ ବାପାଙ୍କ ମୃତ୍ୟୁ ପରେ ୨ୟ ଶ୍ରେଣୀରୁ ବାଲେଶ୍ୱରର ବାଳାଶ୍ରମରେ ରହି ପାଠ ପଢ଼ିଥିଲେ। ପାଠପଢା ସମୟରୁ ତାଙ୍କର ଖେଳ ପ୍ରତି ଆଗ୍ରହ ବଢ଼ିଥିଲା। ବିଦ୍ୟାଳୟସ୍ତରରେ ସଫଳ କ୍ରୀଡ଼ାବିତ୍ ଭାବେ ଉଭା ହୋଇଥିବା ସତ୍ୟଜିତ ସ୍ଥାନୀୟ କୋଚ୍ ମଳୟ ରଞ୍ଜନ ବେହେରାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଖୋ ଖୋ ଖେଳିବା ଆରମ୍ଭ କରିଥିଲେ। ତାଙ୍କଠାରୁ ପ୍ରଶିକ୍ଷଣ ନେଇ ସେ ଜୁନିୟର ବିଭାଗରେ ରାଜ୍ୟସ୍ତରୀୟ ଖେଳାଳି ହୋଇପାରିଥିଲେ। ତେବେ ୧୦ମ ଶ୍ରେଣୀ ପାସ୍ କରିବା ପରେ ତାଙ୍କୁ ବାଳାଶ୍ରମ ଛାଡ଼ିବାକୁ ପଡ଼ିଥିଲା। ବାଲେଶ୍ୱରର କୌଣସି ସ୍ଥାନରେ ରହିବା ପାଇଁ ସ୍ଥାନ ନ ଥିବାରୁ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ କୁମାର ଦାସ ତାଙ୍କ ଅରଡ଼ବଜାରରେ ଥିବା ଏକ ଚାଳ ଘରେ ସତ୍ୟଜିତଙ୍କ ରହିବା ବ୍ୟବସ୍ଥା କରିଥିଲେ। ସେହି ଚାଳଘରେ ରହି କଲେଜ ପାଠ ସହିତ ସେ କ୍ରୀଡ଼ା ପ୍ରଶିକ୍ଷଣ ଜାରି ରଖିଛନ୍ତି। ପୈତୃକ ଗ୍ରାମରେ ରୋଗିଣା ବଡ଼ଭାଇ ଓ ମା'ଙ୍କ ଉପରୁ ବୋଝ କମାଇବାକୁ ସେ ସାନ ଭାଇଙ୍କୁ ମଧ ନିଜ ପାଖରେ ଆଣି ରଖୁଛନ୍ତି। ଚଳିବାକୁ ପଇସାପତ୍ର ନ ଥିଲେ ବି କେତେଜଣ କ୍ରୀଡ଼ାବିତ୍ ଓ କୋଚ ମଳୟଙ୍କ ସହାୟତାରେ ନିଜର ଅଭ୍ୟାସ ଜାରି ରଖିଛନ୍ତି।


ନିଜର କ୍ରୀଡ଼ା ନୈପୁଣ୍ୟ ଲାଗି ହାସଲ କରିଥିବା ବିଭିନ୍ନ ପଦକ ସହ ସତ୍ୟଜିତ।

୨୦୧୮ରେ ରାଜସ୍ଥାନର ଆଜମେରଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆୟୋଜିତ ଆନ୍ତର୍ଜାତିକ ଖୋ ଖୋ ମ୍ୟାଚ୍‌ରେ ଜାତୀୟ ଦଳରେ ସାମିଲ ହୋଇ ସଫଳତାର ସହ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ୨୦୧୯ରେ ନେପାଳଠାରେ ଆୟୋଜିତ ସାଉଥ ଏସିଆନ ଖୋ ଖୋ ଟୁର୍ନାମେଣ୍ଟରେ ସତ୍ୟଜିତ ଜାତୀୟ ଦଳକୁ ପ୍ରତିନିଧିତ୍ୱ ସହ ଗୋଲ୍ଡ ମେଡାଲ ପାଇଥିଲେ। ତାଙ୍କର ଏହି ସଫଳତାରେ ବାଲେଶ୍ୱର ଜିଲା ପ୍ରଶାସନ ୨୦୨୦ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଖଣ୍ଡିଏ ଗାମୁଛା ଓ ମାନପତ୍ର ସହ ସମ୍ମାନିତ କରି ନିଜର ଦାୟିତ୍ୱ ଶେଷ କରିଦେଇଛି। ଇତିମଧ୍ୟରେ ପ୍ରାୟ ଦେଢ଼ ବର୍ଷର କରୋନା କାଳରେ ଏହି ସଫଳ କ୍ରୀଡ଼ାବିତ୍‌ଙ୍କ ଅବସ୍ଥା ବୁଝିବାକୁ କାହାରି ପାଖରେ ସମୟ ନ ଥିବା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ କୋଚ ମଳୟ ରଞ୍ଜନ ବେହେରା କହନ୍ତି, ଜାତୀୟ ଖୋ ଖୋ ଟିମ୍‌ରେ ଓଡ଼ିଶାରୁ ବିଶେଷ କରି ବାଲେଶ୍ୱରର ଏକାଧିକ ଖେଳାଳି ସାମିଲ ହୋଇଛନ୍ତି। ଏବେ ଏହି ଖେଳକୁ ଏସିଆଡ଼ରେ ଅନ୍ତର୍ଭୁକ୍ତ କରାଯାଇଛି। ଏଭଳି ସ୍ଥିତିରେ ଉପଯୁକ୍ତ ପ୍ରୋତ୍ସାହନ ଦିଆଯାଇପାରିଲେ ଜିଲାର ବହୁ କ୍ରୀଡ଼ା ପ୍ରତିଭା ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ସୁନାମ ଅର୍ଜନ କରିପାରିବେ।

ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କହନ୍ତି, ଜିଲା ପ୍ରଶାସନ ପକ୍ଷରୁ ସତ୍ୟଜିତଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ଜିଲାରେ ଖୋ ଖୋ ଖେଳାଳିଙ୍କ ପାଇଁ ଏକ ହଷ୍ଟେଲ ବ୍ୟବସ୍ଥା ନିମନ୍ତେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗକୁ ଚିଠି ଲେଖାଯାଇଛି। ସେଠାରୁ ଏ ସମ୍ପର୍କିତ ଉତ୍ତର ଆସିଲେ ସରକାରଙ୍କ ନିୟମ ଅନୁଯାୟୀ ଖେଳାଳିଙ୍କୁ ଥଇଥାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ସତ୍ୟଜିତ୍ ରହୁଥିବା ଚାଳ ଛପର ଘର।

## ନାବାଳିକା ଗର୍ଭବତୀ

### ଗିରଫ ହେଲେ ପ୍ରେମିକ

ଖୁଣ୍ଟା,୧୦।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗର୍ଭବତୀ କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରବି ହାଁସଦା (୨୩)।

ସୂଚନା ଅନୁଯାୟୀ, ଫୋନ ବାର୍ତ୍ତାଳାପରୁ ନାବାଳିକାଙ୍କ ସହ ରବି ପ୍ରେମ ସମ୍ପର୍କ ଗଢ଼ିଥିଲେ। ପରବର୍ତ୍ତୀ ସମୟରେ ଶାରୀରିକ ସମ୍ପର୍କ ରଖିବାରୁ ନାବାଳିକା ଗର୍ଭବତୀ ହୋଇଥିଲେ। ସେ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ରବିବାର ଚିକିତ୍ସା ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ନେଇଥିଲେ। ସେଠାରେ ସେ ଏକ ଅପରିପକ୍ୱ ମୃତ ସନ୍ତାନ ଜନ୍ମ କରିଥିଲେ। ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ସନ୍ଦେହ ହେବାରୁ ଖୁଣ୍ଟା ଥାନାକୁ ଖବର ଦେଇଥିଲେ। ପରେ ନାବାଳିକାଙ୍କ ବାପା ମଧ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୨୩୬/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଶୁଭେଚ୍ଛା ଜଣାଇଲେ କ୍ରୀଡ଼ାବିତ୍


ସମ୍ମିଳନୀରେ ବିଧାୟକଙ୍କ ସହ କ୍ରୀଡାବିତ୍‌ମାନେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମକୁ ଅନୁମୋଦନ

ବାଲେଶ୍ୱର ଅଫିସ, ୧୦।୮

ବାଲେଶ୍ୱର ପୌରାଞ୍ଚଳରେ ଏକ 'ବିଜୁ ପଟ୍ଟନାୟକ ଇନଡ଼ୋର ଷ୍ଟାଡ଼ିୟମ' ପାଇଁ କ୍ୟାବିନେଟ ଅନୁମୋଦନ କରିଥିବାରୁ ବାଲେଶ୍ୱର ପୌରାଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ। ବିଶିଷ୍ଟ କ୍ରୀଡ଼ାବିତଙ୍କୁ ନେଇ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏହି ଷ୍ଟାଡ଼ିୟମ ହେବା ଦ୍ୱାରା ବାଲେଶ୍ୱରର ଉଦୀୟମାନ କ୍ରୀଡ଼ା ପ୍ରତିଭାମାନେ ପ୍ରୋତ୍ସାହିତ ହେବା ସହ ଦକ୍ଷତା ମୁତାବକ ପ୍ରଦର୍ଶନ କରିପାରିବେ ବୋଲି ବିଧାୟକ ଦାସ କହିଥିଲେ।

ପୂର୍ବରୁ ଗତ ଜୁନ୍ ୧୮ତାରିଖରେ ବାଲେଶ୍ୱରରେ ଏକ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ନିର୍ମାଣ ପାଇଁ କ୍ରୀଡ଼ାବିତ, ବୁଦ୍ଧିଜୀବୀ ଏବଂ ସମାଜସେବୀମାନେ ଏକ ନିବେଦନ ପତ୍ର ବିଧାୟକ ଦାସଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ତାହା କ୍ୟାବିନେଟ ମଞ୍ଜୁର କରିଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଇଣ୍ଡିଆନ ଅଲମ୍ପିକର କାର୍ଯ୍ୟକାରୀ ସଦସ୍ୟ ତଥା ଓଡ଼ିଶା ବକ୍ସିଂ ଆସୋସିଏଶନର ସଭାପତି ଅଦୀପ ଦାସ, ଜାତୀୟ ଖେଳାଳି ତଥା ବାଲେଶ୍ୱର ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର ଅଞ୍ଜନ କୁମାର ଦାସ, ପୂର୍ବତନ ନଗରପାଳ ଆଲୋକ ସାହୁ, ଉପନଗରପାଳ ମନୋଜ ରାଉତ, ଓଡ଼ିଶା କବାଡ଼ି ଆସୋସିଏଶନର ଉପସଭାପତି ବୀରେନ୍ଦ୍ର ସ୍ୱାଇଁ, ଜାତୀୟ ବ୍ୟାଡ଼ମିଣ୍ଟନ ଖେଳାଳି ଜୟ ପ୍ରକାଶ ସିଂ, ନ୍ୟାଶନାଲ ବଡ଼ି ବିଲଡିଂ ପ୍ଲେୟାର ଏସ୍.କେ. ମୁସ୍ତାକ, ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ବସନ୍ତ ପଣ୍ଡା, ମିନା ମହାନ୍ତି, କୈଳାସ ଦାସ, କୈଳାସ ସେଠୀ, ବିଶ୍ୱଜିତ ମହାପାତ୍ର, ପ୍ରଣବ ପଣ୍ଡା, କୁଶଳ ଚାଟାର୍ଜୀ ଓ ଶକ୍ତିପଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଧାରଣା ଦେବେ ହିତାଧିକାରୀ

### ମିଳୁନି ପ୍ରଧାନମନ୍ତ୍ରୀ ଆବାସ

ରୂପସା, ୧୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ବରୁଣଗଡ଼ିଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ କେନ୍ଦ୍ର କରି ଅସନ୍ତୋଷ ଦେଖାଦେଇଛି। ଦଳୀୟ ମନୋଭାବ ରଖି ସ୍ୱଚ୍ଛଳବର୍ଗର ଲୋକମାନଙ୍କୁ ସରକାରୀ ଆବାସ ଦିଆଯାଇଥିବା ବେଳେ ଯୋଗ୍ୟ ହିତାଧିକାରୀମାନେ ଏଥିରୁ ବାଦ୍ ପଡୁଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡିରୀମରା ଗ୍ରାମର ୧୬ ପରିବାରଙ୍କୁ ଆବାସ ଯୋଜନାରୁ ବାଦ୍ ଦିଆଯିବା ଘଟଣା ସମ୍ପର୍କରେ ସୋମବାର ବିଡ଼ିଓ ଜ୍ଞାନରଞ୍ଜନ ସାହୁଙ୍କୁ ଭେଟି ହିତାଧିକାରୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପରିବାରର ଲୋକେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କର ରହିବା ଉପଯୋଗୀ ଘରଟିଏ ନାହିଁ। ମାତ୍ର ଏହି ହିତାଧିକାରୀମାନେ ଆବାସ ଯୋଜନା ପାଇଁ ଯେତେଥର ଆବେଦନ କଲେ ବି ଆକ୍ରୋଶମୂଳକ ଭାବେ ସେମାନଙ୍କୁ ବାଦ୍ ଦିଆଯାଉଛି। ୧୫ଦିନ ମଧ୍ୟରେ ଘଟଣାର ତଦନ୍ତ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରା ନ ଗଲେ ଗ୍ରାମବାସୀ ବସ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଧାରଣାରୁ ହଟିଲେ ସୁରକ୍ଷା କମିଟି ସଦସ୍ୟ

### ବୈତରଣୀ ନଦୀବନ୍ଧରୁ ଗୋଡ଼ା ହଟାଇବା ଦାବି

ଭଣ୍ଡାରିପୋଖରୀ,୧୦।୮(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବାଲିପୋଖରୀ ପଞ୍ଚାୟତର ଜଗନ୍ନାଥପ୍ରସାଦ ବୈତରଣୀ ସୈରାତରୁ ବାଲି ଉତ୍ତୋଳନ ପାଇଁ ଜଳସମ୍ପଦ ବିଭାଗର ବିନା ଅନୁମତିରେ ବାଲି ନିଲମଧାରୀଙ୍କ ପକ୍ଷରୁ ନଦୀ ବନ୍ଧରୁ ଗୋଡା ନିର୍ମାଣ କରାଯାଇଛି। ଭାରୀଯାନ ଚଳାଚଳ କରୁଥିବାରୁ ଦୁର୍ବଳ ନଦୀବନ୍ଧ ପ୍ରତି ବିପଦ ଥିବା ଦର୍ଶାଇ ଭଣ୍ଡାରିପୋଖରୀ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ଏହି ଗୋଡ଼ା ହଟାଇବା ପାଇଁ ଶନିବାରଠାରୁ ଧାରଣାରେ ବସିଥିଲେ। ସୁରକ୍ଷା କମିଟି ଆବାହକ ଅକ୍ଷୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟଠାରେ ଧାରଣାରତ ଶତାଧିକ ମହିଳା ଓ ପୁରୁଷଙ୍କ ପାଖରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରମୁଖ ପହଞ୍ଚି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେବା ପରେ ସୋମବାର ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ନାରାୟଣ ବେହେରା, ମହେଶ୍ୱର ଦାସ, ମଦନ ମୋହନ ଦାସ, ଜିତେନ୍ଦ୍ର ମହାପାତ୍ର, ସନ୍ତୋଷ ମହାପାତ୍ର, ଦିଲ୍ଲୀପ ଦାଶ, ଶଶିକାନ୍ତ ମିଶ୍ର, ପ୍ରଦୀପ୍ତ ବାରିକ, ପ୍ରଫୁଲ୍ଲ ବେହେରା, ଦେବୀକାରାଣୀ ବେହେରା, କୁନ୍ତଳା ଲେଙ୍କା, ରତ୍ନ ମଞ୍ଜରୀ ମହାପାତ୍ର, ଅରୁନ୍ଧତୀ ବେହେରା, ପାଞ୍ଚାଳି ପାଣିଗ୍ରାହୀ, ମିନତୀ ବେହେରା, ପାର୍ବତୀ ବେହେରା ପ୍ରମୁଖ ବହୁ ମହିଳା ଓ ସୁରକ୍ଷା କମିଟି ସଦସ୍ୟ ଉପସ୍ଥିତି ଥିଲେ।

## ଇସ୍‌ଲାମିକ୍ ନବବର୍ଷ ପାଳନ


ଇସ୍‌ଲାମିକ ନବବର୍ଷ ପାଳନ ଅବସରରେ ଉପସ୍ଥିତ ଖ୍ୱାଜା ଗରିବ ନୱାଜ କମିଟିର ସଦସ୍ୟମାନେ।

ଭଦ୍ରକ ଅଫିସ,୧୦।୮

ଇସଲାମ୍ ଧର୍ମରେ ଚନ୍ଦ୍ର ଗଣନାକୁ ଆଧାର କରି ପର୍ବ ପାଳନ କରାଯାଇଥାଏ। ସୋମବାର ସନ୍ଧ୍ୟାରେ ଚନ୍ଦ୍ରକୁ ଦେଖି ମଙ୍ଗଳବାର ନବବର୍ଷ ପର୍ବ ପାଳନ କରାଯାଇଥିଲା। ଏହାକୁ ମହରମ ପର୍ବ କୁହାଯାଏ। ଚନ୍ଦ୍ରଗଣନା ଠାରୁ ୧୦ ଦିନ ଯାଏ ମହରମ ପର୍ବ ପାଳିତ ହୋଇଥାଏ। ପ୍ରଥମ ଦିନ ଇସ୍‌ଲାମିକ୍ ନବବର୍ଷ ରୂପେ ଏବଂ ଶେଷ ଦଶ ଦିନକୁ (ୟମେ-ଅସୂରା) ପର୍ବ କୁହାଯାଇଥାଏ। ଯାହାକୁ ବିଶ୍ୱରେ ଯାହେଁ ଏମାମ୍ ହେସେନ୍ ରୂପେ ପାଳନ କରାଯାଇଥାଏ। ଏହି ଦିନରେ ଶେଷ ନବୀ ପ୍ରଫେଟ ମହମ୍ମଦ୍‌ଙ୍କ ନାତି ହଜରତ ଏମାମ୍ ହୋସେନ୍ କରବଲା ମଇଦାନରେ ଶହୀଦ ହୋଇଥିଲେ। ପୁରୁଣା ବଜାରସ୍ଥିତ ଜାମା ମସଜିଦ୍ ଛକରେ ଖ୍ୱାଜା ଗରିବ ନୱାଜ୍ କମିଟି ଆନୁକୂଲ୍ୟରେ ଇସ୍‌ଲାମିକ୍ ନବବର୍ଷ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ମୁଶାଏରା ଆୟୋଜନ କରାଯାଇ କ୍ଷୀରି ଭୋଗ ହୋଇ ବଣ୍ଟନ କରାଯାଇଥିଲା। ଏହି ଇସଲାମିକ୍ ନବବର୍ଷ ମୁଶାଏରାରେ ମଦ୍ରାସାର ଶିକ୍ଷକ କାରୀ ସାହେବ ମହମବତୀ ଲଗାଇ ଶୁଭାରମ୍ଭ କରିଥିଲେ। ଖ୍ୱାଜା ଗରିବ ନୱାଜ କମିଟିର ଉପସଭାପତି ଶେଖ ଅନୱାର, ସମ୍ପାଦକ କଲିମୁଦ୍ଦିନ ଖାଁ, ମିନହଜ୍ କାଦ୍ରୀ, ଶେଖ ସୁଲ୍ଲୋ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରିଣୀ


ସାଙ୍ଗଠନିକ ବୈଠକରେ କର୍ମକର୍ତ୍ତା।

ସଜନାଗଡ଼, ୧୦।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁରଠାରେ ବ୍ଲକ ବିଜୁ ଯୁବ ଜନତା ଦଳ ପକ୍ଷରୁ ମଙ୍ଗଳବାର କାର୍ଯ୍ୟକାରିଣୀ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ସଭାପତି ଧୀରେନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱ ଓ ଜିଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ବିଜୁ ଯୁବ ଜନତା ଦଳର ବାଲେଶ୍ୱର ପର୍ଯ୍ୟବେକ୍ଷକ ରାକେଶ ନାୟକ, ଜିଲାପରିଷଦ ସଭ୍ୟ ଶୁଭେନ୍ଦୁ ଜେନା, ଜାନକୀ ସିଂ, ଅବିନାଶ ନାୟକ, ବିଜୟ ପ୍ରଧାନ, ପ୍ରତୀକ୍ଷା ସିଂ, ଅପର୍ଣ୍ଣା ପ୍ରଦାନ, ଆଲ୍ଲାଉଦ୍ଦିନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳକୁ ଘରେ ଘରେ ପରିଚିତ କରିବା ସହ ସୁଦୃଢ଼ କରିବା ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ। ଯୁବଗୋଷ୍ଠୀ ହିଁ ବିଜୁ ଜନତା ଦଳର ଆଗାମୀ ଦିନରେ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିବେ ବୋଲି ଅତିଥିମାନେ ଦିଗ୍‌ଦର୍ଶନ ଦେଇଥିଲେ।

## ଦଳିତଙ୍କୁ ଆକ୍ରମଣ ପ୍ରତିବାଦରେ ସ୍ମାରକପତ୍ର

ବାଲେଶ୍ୱର ଅଫିସ, ୧୦।୮

ଦଳିତମାନଙ୍କ ଉପରେ ବାରମ୍ବାର ଆକ୍ରମଣ ଓ ଭାରତ ରତ୍ନ ଡ. ବାବସାହେବ ଆମ୍ବେଦକରଙ୍କ ପ୍ରତି ଅସମ୍ମାନ ପ୍ରତିବାଦରେ ମଙ୍ଗଳବାର ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ବାଲେଶ୍ୱର ପକ୍ଷରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ଦଳରେ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ପ୍ରଭାରୀ ଡ. ରବିନାରାୟଣ ବେହେରା, ଅନୁସୂଚିତ ଜାତି ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା, ରାକେଶ ମଲ୍ଲିକ, ଜିଲା ସମ୍ପାଦିକା ରେଣୁ ବିଶ୍ୱାଳ, ନଗର ମହିଳାମୋର୍ଚ୍ଚା ସଭାପତି ସୁସ୍ମିତା ପଣ୍ଡା ପ୍ରମୁଖ ସାମିଲ ଥିଲେ।

## 'ଅଧିକାର ଲାଗି ସଂଘବଦ୍ଧ ଲଢ଼େଇ ଜରୁରୀ'

ବାରିପଦା ଅଫିସ,୧୦।୮

ମୟୂରଭଞ୍ଜ ଜିଲା ବାରିପଦାର ତୁଳସୀଚଉରାସ୍ଥିତ ବିର୍ସାମୁଣ୍ଡା ମେମୋରିଆଲ ହଲ୍ ପରିସରରେ ରବିବାର ଭାରତମୁଣ୍ଡା ସମାଜ ପକ୍ଷରୁ ୨୭ତମ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସଂଘର ସମ୍ପାଦକ ନାଥ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଦିବାସୀ ମହାସଭାର ରାଜ୍ୟ ଆବାହକ ମାନଗୋବିନ୍ଦ ବେଶ୍ରା ଯୋଗଦେଇଥିଲେ। ଆଦିବାସୀଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ସଂଘବଦ୍ଧ ଲଢ଼େଇ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଗୋବର୍ଦ୍ଧନ ସିଂ, ବାଇଧର ସିଂ, ବିଜୟ ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ନରେଶ ଚନ୍ଦ୍ର ସିଂ, ସରପଞ୍ଚ ବୈଦନାଥ ସିଂ, ମୁଣ୍ଡାରୀ ଭାଷା ଶିକ୍ଷକ ବୁଧିଆ ସିଂ ଓ ବାଉଳା ସିଂ ପ୍ରମୁଖ ଆଦିବାସୀଙ୍କ ଶିକ୍ଷା ଓ ସଂସ୍କୃତିର ଉନ୍ନତି ଦିଗରେ ଆଲୋକପାତ କରିଥିଲେ। ସଂଘର ସଦସ୍ୟ ହରିହର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ପାଇଁ ୧୫ ପରିବାର ହନ୍ତସନ୍ତ

କୁଆମରା,୧୦।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଅନ୍ତର୍ଗତ ୭ନମ୍ବର ୱାର୍ଡ କୁଣ୍ଡାପଡ଼ା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏଥିଯୋଗୁ ୧୫ଟି ପରିବାରର ଲୋକେ ଯିବା ଆସିବା କ୍ଷେତ୍ରରେ ହସ୍ତସନ୍ତ ହେଉଛନ୍ତି। ବର୍ଷା ସମୟରେ ଏହି ରାସ୍ତା କଦର୍ଯ୍ୟ ହୋଇ ପଡୁଛି। ପାଦରେ ଚାଲି ଯିବା କଷ୍ଟକର ହୋଇ ପଡୁଥିବା ବେଳେ ଜରୁରୀ ସମୟରେ ଆମ୍ବୁଲାନ୍ସ ମଧ ଗାଁ ଭିତରକୁ ପଶି ପାରୁନାହିଁ। ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଏହି ରାସ୍ତାର ଭୈରବୀ ପୀଠରୁ ଉମାପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ଦୁଇଶହ ମିଟର ରାସ୍ତା କର୍ଦ୍ଦମାକ୍ତ ହୋଇ ରହିଛି। ରାସ୍ତାର ଅଧିକାଂଶ ସ୍ଥାନରେ ଫୁଟେ ଦୁଇ ଫୁଟର ଖାଲ ସୃଷ୍ଟି ହୋଇଛି। ପଞ୍ଚାୟତ ଅଧୀନ ଏହି ରାସ୍ତା ଦୀର୍ଘ ବର୍ଷ ହେଲା ମରାମତି ହେଉ ନ ଥିବା ୱାର୍ଡ ବାସିନ୍ଦା ଗଙ୍ଗାଧର ବେହେରା, କ୍ଷିତୀଶ ଚନ୍ଦ୍ର ମହାପାତ୍ର, ଗଜେନ୍ଦ୍ର ବେହେରା, ବାଇଧର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ପଞ୍ଚାୟତ ସମିତି ସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣାଙ୍କୁ ପଚାରିବାରୁ ଉକ୍ତ ରାସ୍ତା ତିଆରି ପାଇଁ ୭ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଡ୍ରେନ୍ କାମ ସରିଥିବା ବେଳେ ବର୍ଷା ଋତୁ ପରେ ରାସ୍ତା କାମ ହେବ ବୋଲି ସେ କହିଛନ୍ତି।


ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

## ସର୍ଭିସ ରୋଡ୍‌ରେ ଗାଡ଼ି ପାର୍କିଂ

କେନ୍ଦୁଝର, ୧୦।୮(ସ୍ୱ.ପ୍ର.)

କେନ୍ଦୁଝର ସହରରୁ ବଡ଼ବିଲ ଯିବା ରାସ୍ତାରେ ଧୃପଦା ନିକଟରେ ରାସ୍ତା ଓ ସର୍ଭିସ ରୋଡ୍‌କୁ ଜବର ଦଖଲ କରି ସୋ ରୁମ୍ ଓ ଗ୍ୟାରେଜର ଗାଡ଼ି ପାର୍କିଂ ହେଉଛି। ରାସ୍ତା ଉପରେ ବହୁ ସଂଖ୍ୟାରେ ନୂଆ ଓ ପୁରୁଣା ଗାଡ଼ି ପାର୍କିଂ କରିବା ଫଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ସୋ-ରୁମ୍ ଓ ଗ୍ୟାରେଜ ମାଲିକମାନେ ଗାଡ଼ି ପାର୍କିଂ ପାଇଁ ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ କରି ସର୍ବ ସାଧାରଣ ଯାତାୟାତ ପଥକୁ ବ୍ୟବହାର କରୁଥିବାରୁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ନଚେତ୍ କୌଣସି ଦୁର୍ଘଟଣା ଘଟିଲେ ପ୍ରଶାସନ ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି। ବେଆଇନ ପାର୍କିଂ ପାଇଁ ଲୋକଙ୍କଠାରୁ ଫାଇନ ନିଆଯାଉଥିବା ବେଳେ ଅନ୍ୟମାନଙ୍କ ପ୍ରତି କୋହଳ ମନୋଭାବ କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

